# ମୁଁ...କଟକ...ଆଉ ଆମ କଳା ସଂସ୍କୃତି

• ହର ପଟ୍ଟନାୟକ

ମୁଁ...କଟକ ।

ମୁଁ...ମୋ କଟକ । ମୋ କଟକ ଆଉ ମୁଁ । ମୋ ପ୍ରିୟର କଟକ । କେତେ ନିଜର ମୋ କଟକ । ମୋ କଟକକୁ ଯିଏ ଥରେ ଚିହ୍ନିବା ଆରମ୍ଭ କରିଛି ସିଏ ତାକୁ ତା'ମନର ନିଭୃତତମ କୋଣରୁ ବାହାର କରି ଫିଙ୍ଗି ପାରିବନି । ମୋ କଟକକୁ ଯିଏ ଥରେ ଭଲ ପାଇଛି ସିଏ ତାର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କେବଳ କଟକକୁ ଭଲପାଇବାକୁ ବାଧ୍ୟ ହବ ।

ମୋ ପ୍ରିୟର କଟକ ।

କଳା, ସଂସ୍କୃତି, ପରମ୍ପରାର ପ୍ରିୟ ମୋର ଏଇ କଟକ । ବାର ମାସ ତେର ପର୍ବରେ ମତୁଆଲା ରହୁଥିବା ମୋ କଟକ । ଭାଇଚାରାରେ ଅଟକ ରଖିବାର କ୍ଷମତା ରଖେ ମୋ କଟକ ।

ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ମୋ ପ୍ରିୟର ସହର କଟକରେ ସବୁ ପୂଜାପାର୍ବଣ, ସବୁପ୍ରକାରର କଳା, ସଂସ୍କୃତି, ପରମ୍ପରା ମାଧ୍ୟମରେ ଜୀବନ୍ତ ହୋଇଉଠେ କଟକ । ମକର ସଂକ୍ରାନ୍ତି-ଗୁଡ଼ିଉଡ଼ା । ଦୋଳ ମେଳଣ-ହୋଲିଖେଳ । ପଣା ସଂକ୍ରାନ୍ତି-ଭାଙ୍ଗ ପଣା । ରଜ ସଂକ୍ରାନ୍ତ-ଦୋଳି ଝୁଲଣ । ରଥଯାତ୍ରା-ରଥଟଣା । ଦଶହରା-ଚାନ୍ଦିମେଢ଼ । କାଳୀପୂଜା-ବାଣଫୁଟା । ଲକ୍ଷ୍ମୀପୂଜା-ଝୋଟିଚିତା । ଇଦ୍ ମହରମ୍-ଛାତିରେ ଛାତି ମିଶେଇବା । ବଡ଼ଦିନ-କେକ୍ କଟା । ଗୁରୁଦ୍ୱାରରେ ଗୁରୁନାନକ ଜୟନ୍ତୀ-ଭଜନ କୀର୍ତ୍ତନ ଇତ୍ୟାଦି ସବୁ କିଛିରେ ନିଜକୁ ସାମିଲ୍ କରିନିଅନ୍ତି ମୋ କଟକବାସୀ ।

ଆମ କଟକର ଏକ ମୁଖ୍ୟ ପର୍ବ-ପରମ୍ପରା ଯାହା ଆମମାନଙ୍କର ଏକମାତ୍ର ଐତିହର ପ୍ରତୀକ ତାହା ହେଉଛି "ବାଲିଯାତ୍ରା (ବୋଇତ ବନ୍ଦାଣ ଉତ୍ସବ)" । ପୁରାଣର ଲେଖା ଅନୁସାରେ ହଉ କିମ୍ବା ଲୋକକଥା ହିସାବରେ ହଉ ବାଲିଯାତ୍ରା ଏକ ନିଆରା ପର୍ବ । ବାଲିଯାତ୍ରା ପ୍ରସ୍ତୁତ କରି ଦୁର ଦୁରାନ୍ତକୁ ଯଥା-ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ (ଯାହାକି ଇଣ୍ଡୋନେସିଆରେ ଅବସ୍ଥିତ) ଏବଂ ଶ୍ରୀଲଙ୍କାକୁ ଯାଇ ନିଜର ବ୍ୟବସାୟ ତଥା କଳା ସଂସ୍କୃତିର ବିନିମୟ କରୁଥିଲେ । ପ୍ରତିବଦଳରେ ଅର୍ଥ ମଧ୍ୟ ରୋଜଗାର କରୁଥିଲେ ।

ଅତୀତର ଏହି ସ୍ମୃତିକୁ ସ୍ମରଣୀୟ କରି ରଖିବା ପାଇଁ, ଏହି ବାଲିଯାତ୍ରା ଉତ୍ସବ ଓଡ଼ିଶାର ପ୍ରଖ୍ୟାତ ସହର କଟକର ମହାନଦୀ କୂଳରେ ଗଡ଼ଗଡ଼ିଆଘାଟ ଠାରେ, ପ୍ରତ୍ୟେକ ବର୍ଷ ପାଳନ କରି ଚାଲିଛି । ଏହି ଉତ୍ସବ କାର୍ତ୍ତିକ ପୂର୍ଣ୍ଣିମା ଦିନ ଆରମ୍ଭ ହୋଇଥାଏ ଯାହାକି ଅକ୍ଟୋବର ମାସର ଶେଷ ନ'ହେଲେ ନଭେମ୍ବର ମାସର ଆରମ୍ଭରେ ପଡ଼ିଥାଏ ।

କାର୍ତ୍ତିକ ପୂର୍ଣ୍ଣିମା ଭୋରରୁ ଆରମ୍ଭ ହେଇଯାଏ ବୋଇତ ବନ୍ଦାଣ ପର୍ବ । ପିଲାଙ୍କ ଠାରୁ ଆରମ୍ଭ କରି ବୁଢ଼ାଙ୍କ ପର୍ଯ୍ୟନ୍ତ... ଝିଅଙ୍କଠୁ ଆରମ୍ଭ କରି ବୁଢ଼ୀଙ୍କ ପର୍ଯ୍ୟନ୍ତ ସମସ୍ତେ କଦଳି ପାଟୁକା, ସୋଲ ଆଉ ରଙ୍ଗୀନ୍ କାଗଜରେ ତିଆରିକରି ଆଣିଥିବା ଡଙ୍ଗାରେ ଦୀପ ଜାଳି "ଆ କା ମା ବୈ..ପାନ ଗୁଆ ଥୋଇ.." ଗୀତ ଗାଇ ଡଙ୍ଗା ସବୁ ମହାନଦୀ ଜଳରେ ଭସେଇ ଦିଅନ୍ତି । ସୂର୍ଯ୍ୟ ଦେବତା ଆକାଶର ରଙ୍ଗକୁ ଲାଲ୍ ରଙ୍ଗରେ ରଙ୍ଗେଇ ନିଜେ ପ୍ରକାଶିତ ହେଲା ପର୍ଯ୍ୟନ୍ତ ମହାନଦୀ ବକ୍ଷରେ ଜଳୁଥିବା ଲକ୍ଷ ଲକ୍ଷ ବୋଇତମାନଙ୍କରେ ଦୀପମାନଙ୍କର ଦୃଶ୍ୟ ବର୍ଣ୍ଣନା କରିବା ସମ୍ଭବ ନୁହେଁ ।

ମୋ କଟକ ପ୍ରତ୍ୟେକ ବର୍ଷ ଏ ଐତିହାସିକ ବାଲିଯାତ୍ରା ପାଳନ କରିଚାଲିଛି ଏବଂ କରିଚାଲିଥିବ । କଟକର ବାରବାଟୀ ଦୁର୍ଗ ସମ୍ମୁଖ ପ୍ରାନ୍ତର ଠାରୁ ଆରମ୍ଭ କରି ଗଡ଼ଗଡ଼ିଆଘାଟ ପର୍ଯ୍ୟନ୍ତ ଲମ୍ବିଯାଇଥାଏ ଏ ବାଲିଯାତ୍ରା । ଭାରତବର୍ଷର ବିଭିନ୍ନ ରାଜ୍ୟରୁ ବିଭିନ୍ନ ପ୍ରକାରର ବ୍ୟବସାୟୀମାନେ ଏଠାକୁ ଆସନ୍ତି । ଏହାକୁ ଓଡ଼ିଶାର ସର୍ବବୃହତ୍ ମେଳା ବା ଯାତ୍ରା ବୋଲି କହିଲେ କିଛି ଭୁଲ୍ ହବନି । ଡଙ୍ଗା ଭସେଇ ସାରିଲା ପରେ ସେଇ ସକାଳୁ ସକାଳୁ ଆରମ୍ଭ ହୋଇଯାଏ କଟକଆମାନଙ୍କ ଠୁଙ୍କାପୁରି, ଦହିବରା ଆଳୁଦମ୍, ବରଫ ପାନ, ଗୁପଚୁପ୍ ଇତ୍ୟାଦି ଭକ୍ଷଣ କରିବାର ପର୍ବ ଏବଂ ବେପାର ବଣିଜ କରିବାର ପର୍ବ । ପ୍ରତ୍ୟେକ ବର୍ଷ ଦେଶର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଲୋକମାନେ ଏ ଜାତୀୟ ପର୍ବରେ ନିଜକୁ ସାମିଲ୍ କରି ନିଜର ଅନୁଭୂତିକୁ ସାକାର କରିବାକୁ ଆସନ୍ତି ।

ଲୋକମାନଙ୍କର ମନୋରଞ୍ଜନ କରିବା ଲାଗି ଭିନ୍ନ ଭିନ୍ନ ସ୍ଥାନରେ ଲୋକ ନୃତ୍ୟ, ଓଡ଼ିଶୀ ନୃତ୍ୟ, ପାଲା, ଦାସକାଠିଆ, ମେଲୋଡ଼ି ପାର୍ଟି ଇତ୍ୟାଦିର ବ୍ୟବସ୍ଥା କରାଯାଇଥାଏ । ମାତ୍ର ଅଗଣିତ ଦର୍ଶକମାନେ ମେଳା ବା ଯାତ୍ରା ବୁଲାବୁଲି କରି... ଜିନିଷପତ୍ର କିଣାକିଣି ସାରି ବସିଯାଆନ୍ତି ବାରବାଟୀ ଦୁର୍ଗକୁ ଘେରି ରହିଥିବା ଗଡ଼ଖାଇ ସାମ୍ନାରେ । କାରଣ ସେଠି ପ୍ରତ୍ୟେକ ସନ୍ଧ୍ୟାରେ ମଞ୍ଚସ୍ଥ ହୁଏ ଦର୍ଶକମାନଙ୍କର ମନପସନ୍ଦର କାର୍ଯ୍ୟକ୍ରମ ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ । ଯାହାକୁ ଦେଖି ଲୋକମାନେ ନିଜର ମନୋରଞ୍ଜନ କରିବା ସହ ପୌରାଣିକ କଥାବସ୍ତୁ ସମ୍ପର୍କରେ ଜାଣିପାରୁଥିଲେ ।

ଆଜିକୁ ୫୦ବର୍ଷ ହେଇଗଲାଣି ଓଡ଼ିଶାର ପରମ୍ପରା, କଳାସଂସ୍କୃତିକୁ ସବୁଦିନ ପାଇଁ ବଜାୟ ରଖିବାକୁ ପ୍ରୟାସ ଆରମ୍ଭ କରିଥିଲା "ସଂସ୍କୃତି ବିହାର" ଅନୁଷ୍ଠାନ । ପ୍ରତ୍ୟେକ ବର୍ଷ ନୂଆ ନୂଆ ଗୀତିନାଟ୍ୟ ପରିବେଷଣ କରୁଥିଲେ "ସଂସ୍କୃତି ବିହାର"ର କଳାକାରମାନେ । ଦର୍ଶକମାନେ ପ୍ରଶଂସା କରୁଥିଲେ...ଉପଭୋଗ କରୁଥିଲେ । ମୁଁ ମଧ୍ୟ "ସଂସ୍କୃତି ବିହାର"ର ନାଟକ ଦେଖିଛି...ଅନୁପ୍ରାଣୀତ ହେଇଛି ଏବଂ ଅନୁଷ୍ଠାନ ସହ ନିଜକୁ ଯୋଡ଼ି ଦେଇଛି । ବାସ୍ତବିକ୍ "ସଂସ୍କତି ବିହାର" ଅନୁଷ୍ଠାନର ସମସ୍ତ ସଭ୍ୟ, କଳାକାର ଧନ୍ୟବାଦର ପାତ୍ର ।

ଉତ୍କଳ । ଉତ୍କୃଷ୍ଟ କଳାର ଦେଶ ଆମର ଏ ଉତ୍କଳ । ଆମର କଳା ସଂସ୍କୃତି, ଆମର ପରମ୍ପରାକୁ ନେଇ ଆମେ ସାରା ବିଶ୍ୱରେ ପରିଚିତ । ମାତ୍ର ଆମମାନଙ୍କର ଏକମାତ୍ର ଐତିହର ପ୍ରତୀକ, ବାଲିଯାତ୍ରା (ବୋଇତ ବନ୍ଦାଣ ଉତ୍ସବ) ଅବସରରେ "ସଂସ୍କୃତି ବିହାର" ଅନୁଷ୍ଠାନର ଗୀତିନାଟ୍ୟ ପ୍ରଦର୍ଶନକୁ କାହିଁକି ଯେ ବନ୍ଦ କରି ଦିଆଗଲା ତାର କାରଣ ଖୋଜିଲେ ବି ମିଳିଲାନି ।

କିନ୍ତୁ ଆମର ପରମ୍ପରାର, କଳାସଂସ୍କୃତିର ତଣ୍ଟିଚିପି ମାରି ଦିଆଗଲା କାହିଁକି ? ? ? "ସଂସ୍କୃତି ବିହାର" ଅନୁଷ୍ଠାନକୁ ହତାଦର କରାଗଲା କାହିଁକି ? ? ? ଏମିତି ଅନେକ ପ୍ରଶ୍ନର ଉତ୍ତର ଦବ କିଏ ? ? ? ଏ ଭୁଲ୍ କାହାର ? ? ?

କିନ୍ତୁ ଏସବୁ ଭୁଲ୍ ଠିକ୍‌ର ବିଚାରକୁ ଅପେକ୍ଷା ନ' କରି "ସଂସ୍କୃତି ବିହାର" ଅନୁଷ୍ଠାନ ହତୋତ୍ସାହିତ ନ' ହେଇ... ହାରିନ'ଯାଇ... ବରଂ ଦ୍ୱିଗୁଣିତ ଉଦ୍ୟମରେ ସେମାନେ ଆମର ପରମ୍ପରା, କଳା ସଂସ୍କୃତିକୁ ବଜାୟ ରଖିଛନ୍ତି । ସ୍ଥାନ ବଦଳିଛି ସତ-କିନ୍ତୁ "ସଂସ୍କୃତି ବିହାର" ଅନୁଷ୍ଠାନର ମନ ବଦଳିନି ।

"ସଂସ୍କୃତି ବିହାର" ଅନୁଷ୍ଠାନ ନିଜର ସଂସ୍କୃତିକୁ ବଜାୟ ରଖି ଏ ବର୍ଷ ମଧ୍ୟ କଟକର ଶହୀଦ ଭବନରେ ନାଟକ ପରିବେଷଣ କରିବାକୁ ଯାଉଛି ଏବଂ "ସଂସ୍କୃତି ବିହାର" ତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି । ମୋ କଟକର ବାସିନ୍ଦାମାନଙ୍କ ତରଫରୁ "ସଂସ୍କୃତି ବିହାର" କୁ ମୁଁ ମୋର ଆନ୍ତରିକ ଶୁଭେଚ୍ଛା ଏବଂ ଆଗାମୀ ଦିନରେ "ସଂସ୍କୃତି ବିହାର" ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି ପାଇଁ ଜଗତର ନାଥ ଜଗନ୍ନାଥ ଓ ଶିରିଡ଼ିର ସାଇନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

*ଅଭିନେତା ଓ ନିର୍ଦ୍ଦେଶକ*

*୨୦୮ - ଏଚ୍-ଅନନ୍ଦା, ମହତାବ୍ ନଗର, ତୁଳସୀପୁର, କଟକ - ୭୫୩୦୦୮*